## ଦୋକାନୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ଛକରେ ଦୋକାନ ଦେଇଥିବା ବଇସିଣା ଗ୍ରାମର ଜୟାନନ୍ଦ ସାହୁଙ୍କୁ ବଇଣ୍ଡା ଗ୍ରାମର ନରେଶ କୁମାର ସାହୁ ସୋମବାର ମାଡ଼ ମାରିଥିବା ବଇଣ୍ଡା ଫାଣ୍ଡିରେ ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ କହିଛି, ଜୟାନନ୍ଦ ଦୋକାନରେ ବସିଥିବା ବେଳେ ନରେଶ ତାଙ୍କୁ ମାଡ଼ ମାରିବା ସହ କିଛି ଟଙ୍କା ନେଇଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଘଟଣାର ତଦନ୍ତ ଜାରିରହିଛି।

## ସଂକ୍ଷେପରେ

### ଚୋରା କୋଇଲା ଖାଦାନରେ ଚଢ଼ାଉ, ୭ ଗିରଫ

**ଛେଣ୍ଡିପଦା, ୮।୬(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ବାହାଳସାହିରେ ଚାଲିଥିବା ଚୋରା କୋଇଲା ଖାଦାନ ଉପରେ ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁରେଶ ସାହୁ, ଶରତ ସାହୁ, ଶରତ ସାହୁ (ଖ), ସନ୍ତୋଷ ସାହୁ, ଅଲେଖ ସାହୁ, ରଣଜିତ ନାଥ, ଅନିଲ ପ୍ରଧାନ। ଏ ନେଇ ନଂ. ୨୭୩ ଓ ୨୭୫ରେ ମାମଲା ରୁଜୁ ହୋଇଛି। ଉକ୍ତ ଖାଦାନରୁ ବିପୁଳ ପରିମାଣର କୋଇଲା ଉତ୍ତୋଳନ କରି ଚୋରା ଚାଲାଣ କରାଯାଉଥିଲା। ସୂଚନା ପାଇ ଥାନାର ପ୍ରୋବେଶନରେ ଥିବା ଓପିଏସ୍ ସୁଶାନ୍ତ ସିଂ ସଦଳବଳ ଚଢ଼ାଉ କରିଥିଲେ।

### ଚୋରା ବାଲି ଚାଲାଣ, ୨ ଗିରଫ

**ଛେଣ୍ଡିପଦା, ୮।୬(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ସିଂହଡ଼ା ନଦୀପଠାରେ ବାଲି ଚୋରା ଚାଲାଣ ଅଭିଯୋଗରେ ଜେସିବି ଅପରେଟର୍ ଟାପଢୋଲ ଫାଣ୍ଡି ଅଞ୍ଚଳର ସୁଜିତ ସାହୁ ଏବଂ ରିଆମାଳ ଅଞ୍ଚଳର ବିକାଶ ନାଏକ ଗିରଫ ହୋଇଛନ୍ତି। ସୋମବାର ରାତିରେ ନଦୀପଠାରୁ ବାଲି ଚୋରାଚାଲାଣ ବେଳେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଏବଂ ନିଶା ଶିଳ୍ପାଞ୍ଚଳ ଥାନାଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୁଲି ଚଢ଼ାଉ କରିଥିଲେ। ଗୋଟିଏ ଜେସିବି, ଗୋଟିଏ ପୋକଲିନ ଏବଂ ଗୋଟିଏ ଟିପ୍ପର୍ ଜବତ ସହ ନଂ. ୧୩୭/୨୧ରେ ମାମଲା ରୁଜୁ ହୋଇଛି।

### ମହନ୍ତଙ୍କୁ ଆକ୍ରମଣ, ୩ ଗିରଫ

**କାମାକ୍ଷାନଗର, ୮।୬(ଡି.ଏନ.ଏ.):** କାମାକ୍ଷାନଗର ଥାନା ବିଜାଡ଼ିହ ଗ୍ରାମସ୍ଥିତ ସିନ୍ଦୂରାଖୋଲ ମଠ ମହନ୍ତ ଦାଶରଥି ଦାସଙ୍କ ଉପରେ ମଙ୍ଗଳବାର ଆକ୍ରମଣ ହୋଇଛି। ମଠ ପରିସରରେ ଥିବା ଆମ୍ବଗଛରୁ ମାଟିଆ ସାହିର ଅଖିଳ ବେହେରା, ସୋମନାଥ ବେହେରା, ପ୍ରସାଦ ବେହେରା ଆମ୍ବ ତୋଳୁଥିଲେ। ପ୍ରତିବାଦ କରିବାରୁ ସେମାନେ ମହନ୍ତଙ୍କୁ ମାଡ଼ ମାରିଥିଲେ। ମହନ୍ତଙ୍କ ଅଭିଯୋଗକ୍ରମେ ନଂ. ୨୦୭/୨୧ରେ ମାମଲା ରୁଜୁ ହୋଇଛି। ଗ୍ରାମବାସୀ ୩ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ।

### ଚଢ଼ାଉ, ଜରିମାନା ଆଦାୟ

**କାମାକ୍ଷାନଗର, ୮।୬(ଡି.ଏନ.ଏ.):** କାମାକ୍ଷାନଗର ଥାନା କାନପୁରା ଗ୍ରାମରେ ମଙ୍ଗଳବାର କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ଏକ ଶୁଦ୍ଧିକ୍ରିୟା ଭୋଜି ଚାଲିଥିବା ବେଳେ ତହସିଲଦାର ସଞ୍ଜୟ ରାଉତ ଚଢ଼ାଉ କରିଥିଲେ। ବିଡିଓ ବିକାଶ କୁମାର ମହାନ୍ତିଙ୍କୁ ଡକାଇ ଭୋଜିବନ୍ଦ କରିବା ସହ ୮୦୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ସରପଞ୍ଚ ଚିତ୍ତରଞ୍ଜନ ସେଠୀଙ୍କ ସହଯୋଗରେ ରନ୍ଧାଖାଦ୍ୟକୁ ପ୍ୟାକେଟ କରି ବାଣ୍ଟି ଦିଆଯାଇଥିଲା।

### ବଜ୍ରପାତରେ ଯୁବକ ମୃତ

**ଢେଙ୍କାନାଳ ଅଫିସ,୮।୬:** ଢେଙ୍କାନାଳ ସଦର ଥାନା କାଇମାଟି ଗ୍ରାମରେ ମଙ୍ଗଳବାର ବଜ୍ରପାତ ଘଟି ସୌମେନ୍ଦ୍ର ବେହେରା (୩୦)ଙ୍କ ମୃତ୍ୟୁ ଘଟିଛି। ସୌମେନ୍ଦ୍ର ବାଡ଼ି ପଟକୁ କୌଣସି କାମରେ ଯାଇଥିବାବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସଦର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବ୍ରାହ୍ମଣୀରେ ବୁଡ଼ିଗଲେ ଯୁବକ

**କଣିହାଁ,୮।୬(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ବାରୁଆଁ ଗ୍ରାମରେ ମଙ୍ଗଳବାର ବ୍ରାହ୍ମଣୀ ନଦୀରେ ଗାଧୋଇବାବେଳେ ବୁଡ଼ିଯାଇ ବେଣୁଧର ସାମଲଙ୍କ ପୁଅ ନବକିଶୋର ସାମଲ (୨୦)ଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ କର୍ମଚାରୀମାନେ ନବକିଶୋରଙ୍କୁ ପାଣିରୁ ଉଦ୍ଧାର କରି କଣିହାଁ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସମଲ ଥାନାରେ ନମ୍ବର ୩/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ରେଳ ଧାରଣାରୁ ମୃତଦେହ ଜବତ

**ବଇଣ୍ଡା,୮।୬(ଡି.ଏନ.ଏ.):** ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ଶରଧାମୁଣ୍ଡା ନିକଟରୁ ମଙ୍ଗଳବାର ବଇଣ୍ଡା ଷ୍ଟେଶନ ଫାଣ୍ଡି ପୋଲିସ ଏକ ମୃତଦେହ ଜବତ କରିଛି। ସମ୍ପୃକ୍ତ ମୃତକଙ୍କ ପରିଚୟ ଜଣାପଡିନଥିବା ବେଳେ ତାଙ୍କ ବୟସ ୪୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି। ଘଟଣାସ୍ଥଳରେ ଫାଣ୍ଡି ଏସ୍ଆଇ ଡି.କେ. ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ୧୪୦ ଜଣଙ୍କୁ ଟିକା

**ବଇଣ୍ଡା,୮।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ଲୁହାମୁଣ୍ଡା ସ୍କୁଲ ପରିସରରେ ୪୫ ବର୍ଷରୁ ଅଧିକ ୧୪୦ ଜଣଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଛି। ସେହିପରି ବଇଣ୍ଡା ମେଡିକାଲ, ଇଚ୍ଛାପୁର, ସାନଗୋବିନ୍ଦପୁର, ଖଇରମୁଣ୍ଡାଠାରେ ୨୮୭ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ୧୪ ଜଣଙ୍କୁ ପଜିଟିଭ୍ ଚିହ୍ନଟ କରାଯାଇଥିଲା। କଟକଣା ମାନି ଚଳିଲେ ସଂକ୍ରମଣ ସଂଖ୍ୟା କମିବ ବୋଲି ବଇଣ୍ଡା ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ କହିଛନ୍ତି।

# ନୂଆ ରୂପ ନେବ କୋଇଲା ନଗରୀ


ତାଳଚେର ରାଜବାଟି ରାସ୍ତାରେ ହେବାକୁ ଥିବା ହେରିଟେଜ୍ କରିଡର ଡିଜାଇନ।


ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ହେବାକୁ ଥିବା କୋଲ୍ ମ୍ୟୁଜିୟମ ଡିଜାଇନ୍।



ଜିଲା ପ୍ରଶାସନ ପକ୍ଷରୁ ଡିଜାଇନ କରାଯାଇଥିବା ଅତ୍ୟାଧୁନିକ ଷ୍ଟାଡିୟମ।

**ଅନୁଗୋଳ ଅଫିସ, ୮।୬**
**ଅମିତ କୁମାର ସାମଲ**

- ତାଳଚେର ବସ୍‌ଷ୍ଟାଣ୍ଡ ନିକଟରେ ହେବ କୋଲ୍ ମ୍ୟୁଜିୟମ୍
- ନିର୍ମାଣ କରାଯିବ ଅତ୍ୟାଧୁନିକ ଷ୍ଟାଡିୟମ
- ରାଜବାଟି ରାସ୍ତାରେ ହେରିଟେଜ୍ କରିଡର

କଳାହୀରାର ସହର ତାଳଚେରର ହେବ ନବକଳେବର। ନୂଆରୂପ ପାଇବ କୋଇଲା ନଗରୀ। ଆଖି ଝଲସାଇଦେଲା ଭଳି କରାଯିବ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ। ହେଲ୍‌ଥ ସହ ହେରିଟେଜ୍ କରିଡର, ଅତ୍ୟାଧୁନିକ ଷ୍ଟାଡିୟମ, ପ୍ରଜାମଣ୍ଡଳ ଭବନର ପୁନରୁଦ୍ଧାର, ରାଣୀପାର୍କର ନବୀକରଣ ସହ କୋଲ୍ ମ୍ୟୁଜିୟମ୍ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ହେବ। ଏ ନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି ଅନୁଗୋଳ ଜିଲା ପ୍ରଶାସନ। ଖୁବ୍‌ଶୀଘ୍ର ଟେଣ୍ଡର ସହ ବର୍ଷକ ମଧ୍ୟରେ ଏସବୁ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

କୋଇଲା ଧୂଳି ଓ ଧୂଆଁରେ ପ୍ରଦୂଷିତ ହୋଇପଡୁଥିବା ତାଳଚେର ସହରର ଶୋଭା ବଢ଼ାଇବା ପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଡିଜାଇନ ପ୍ରସ୍ତୁତ ସରିଛି। ବିଶେଷକରି ରାଜବାଟି ରାସ୍ତାର ପୁନରୁଦ୍ଧାର କରାଯାଇ ଏହାକୁ ହେଲ୍‌ଥ ସହ ହେରିଟେଜ୍ କରିଡର କରାଯିବ। ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ବେଳେ ଥକ୍କା ମେଣ୍ଟାଇବାକୁ ଜୁସ୍ ଓ କଫି ଦୋକାନ ବ୍ୟବସ୍ଥା ହେବ। ପ୍ରବେଶ ପଥରେ ରାଜ ନଅର ମୁଖ୍ୟ ଦ୍ୱାର ପରି ଫାଟକ ନିର୍ମାଣ ହେବ। ସେଠାରେ ଥିବା ପାର୍କର ନବୀକରଣ କରାଯିବ। ରାସ୍ତା ପାର୍ଶ୍ୱ ପ୍ରାଚୀରରେ ତାଳଚେର ଇତିହାସର ଛାପ ଦିଆଯିବ। ଅନୁଗୋଳରେ ହେବାକୁ ଥିବା କୋଲ୍ ମ୍ୟୁଜିୟମ୍‌କୁ ତାଳଚେରରେ କରାଯିବ। କୋଇଲା ଆବିଷ୍କାର, ଉତ୍ପାଦନ ଓ ବ୍ୟବହାରର ସମସ୍ତ ବିବରଣୀ ଡିଜିଟାଲ ବ୍ୟବସ୍ଥାରେ ରଖାଯିବ। ଦେଶର ପ୍ରଥମ ହେବ। ଏହା ପରିସରରେ ଆକର୍ଷଣୀୟ ପାଠାଗାର, ସ୍ମାର୍ଟ ପାର୍କ ନିର୍ମାଣ କରାଯିବ। କ୍ରୀଡ଼ାବିତ୍‌ଙ୍କ ପାଇଁ ଏକ ଅତ୍ୟାଧୁନିକ ଷ୍ଟାଡିୟମ କରାଯିବ। ଗୋଟିଏ ଛାତ ତଳେ ଯେପରି ଏକାଧିକ କ୍ରୀଡ଼ା ଆୟୋଜନ ହୋଇପାରିବ, ସେ ନେଇ ସମସ୍ତ ବ୍ୟବସ୍ଥା ରହିବ। ଆବଶ୍ୟକ ପଡ଼ିଲେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଭଳି ସିନ୍ଥେଟିକ୍ କୋର୍ଟ କରାଯିବ। ପ୍ରଜାମଣ୍ଡଳ ସ୍ମୃତି ବହନ କରୁଥିବା ପ୍ରଜାମଣ୍ଡଳ ଭବନର ପୁନରୁଦ୍ଧାର କରାଯିବ। ରାଣୀପାର୍କ ପାଚେରି ବୁଲା କାର୍ଯ୍ୟ ଶେଷ ହେବା ପରେ ଏହାର ନବୀକରଣ ସମ୍ପନ୍ନ ହେବ। ଏହି ସମସ୍ତ ପ୍ରକଳ୍ପ ଗୋଟିଏ ବର୍ଷ ମଧ୍ୟରେ ଶେଷ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

### କୃତଜ୍ଞତା ଜଣାଇଲେ ରାଜା, ପରିବାର



ଅନୁଗୋଳ ଜିଲା ପ୍ରଶାସନ ଉଦ୍ୟମରେ ତାଳଚେର ରାଜବାଟି ରାସ୍ତାକୁ ହେରିଟେଜ କରିଡର କରାଯାଉଛି। ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ରାଜ ନଅର ସମ୍ମୁଖ ସିଂହଦ୍ୱାରର ଡିଜାଇନକୁ ସାମିଲ କରାଯାଇଛି। ଏହା ରାଜାରାଜୁଡ଼ା ସମୟର ଗୌରବମୟ ଅତୀତକୁ ଭବିଷ୍ୟତ ପିଢ଼ି ନିକଟରେ ପହଞ୍ଚାଇବାରେ ସହାୟକ ହେବ। ଏଥିସହ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିବାର ଆଶା ଥିବାରୁ ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ଓ ତାଙ୍କ ପରିବାର କୃତଜ୍ଞତା ପ୍ରକାଶ କରିଛନ୍ତି।

#### ସହଯୋଗ ମିଳିଲେ ସହଜ ହେବ



“ତାଳଚେର ସହରର କିଭଳି ସୌନ୍ଦର୍ଯ୍ୟକରଣ କରାଯିବ, ତାହାର ନକ୍ସା ପ୍ରସ୍ତୁତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ତାଳଚେରବାସୀଙ୍କ ପାଇଁ ୫ଟି ପ୍ରମୁଖ କାର୍ଯ୍ୟ ଜିଲା ପ୍ରଶାସନ ପକ୍ଷରୁ କରାଯିବ। ଏହା ସମ୍ପୂର୍ଣ୍ଣ ହେଲେ ସହରର ରୂପରେଖ ସମ୍ପୂର୍ଣ୍ଣ ବଦଳିଯିବ। ଲୋକମାନେ ପ୍ରଶାସନକୁ ସହଯୋଗର ହାତ ବଢ଼ାଇଲେ ସମସ୍ତ କାର୍ଯ୍ୟ ସହଜରେ ହୋଇପାରିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

#### ତାଳଚେରର ମାନ ବଢ଼ିବ



“ସହରର ସୌନ୍ଦର୍ଯ୍ୟକରଣ ସମ୍ପନ୍ନ ହେଲେ ତାଳଚେରର ମାନ ବୃଦ୍ଧିପାଇବ। ନୂଆ ରୂପରେ ଐତିହ୍ୟ ଲୋକଲୋଚନକୁ ଆସିବ। କ୍ରୀଡ଼ାବିତ୍‌ମାନେ ଆଗକୁ ବଢ଼ିବାକୁ ଅତ୍ୟାଧୁନିକ ପ୍ଲାଟଫର୍ମ ପାଇବେ। ତାଳଚେରକୁ ନେଇ ଲୋକଙ୍କ ମନରେ ଥିବା ଧୂଳି, ଧୂଆଁର ଭ୍ରମ ଦୂର ହୋଇପାରିବ।

-ରଶ୍ମିରେଖା ଅମାନ୍ତ, ପୌର ନିର୍ବାହୀ ଅଧିକାରୀ, ତାଳଚେର

#### ବଡ଼ ଗୌରବର ବିଷୟ ହେବ



“ଦୀର୍ଘଦିନ ଧରି ତାଳଚେର ଅବହେଳିତ ଅବସ୍ଥାରେ ରହିଛି। ରାସ୍ତା, ପ୍ରଦୂଷଣ ସମସ୍ୟାର ସମାଧାନ ହୋଇନି। ଜିଲା ପ୍ରଶାସନ ପକ୍ଷରୁ ସୌନ୍ଦର୍ଯ୍ୟକରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପୂର୍ଣ୍ଣ ହେଲେ ଏହା ଅନ୍ୟ ଅଞ୍ଚଳବାସୀଙ୍କୁ ଆକୃଷ୍ଟ କରିବ। ତାଳଚେରବାସୀଙ୍କ ପାଇଁ ଏହା ଗର୍ବର ବିଷୟ ହେବ। ଶୀଘ୍ର କାର୍ଯ୍ୟ ଆରମ୍ଭ ହେଉ।

-ଅନନ୍ତ କୁମାର ଦାସ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ

#### ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ



“ତାଳଚେର ବାସୀଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏହା ଏକ ବଡ଼ ଉପହାର। ପୂର୍ବରୁ ସହରର ପିଲାମାନଙ୍କ ପାଇଁ ଭଲ ପାର୍କଟିଏ ନ ଥିଲା। ଆମୋଦପ୍ରମୋଦ ପାଇଁ ସେମାନଙ୍କୁ ଅନ୍ୟତ୍ର ଯିବାକୁ ପଡୁଥିଲା। ଏସବୁ ଏବେ ତାଳଚେରରେ ଉପଲବ୍ଧ ହେବ। ଏହାଠାରୁ ଭଲ ବ୍ୟବସ୍ଥା କିଛି ନାହିଁ। ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ।

-ରତ୍ନାବତୀ ଦାସ, ତାଳଚେର ଟାଉନ୍

#### ସ୍ୱପ୍ନ ସାକାର ହେବ



“ଐତିହ୍ୟ ହେଉ କିମ୍ବା ସୌନ୍ଦର୍ଯ୍ୟକରଣ, ବାରମ୍ବାର ଏ ନେଇ ତାଳଚେରବାସୀଙ୍କ ପକ୍ଷରୁ ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି ହେଉଥିଲା। ଏକସଙ୍ଗରେ ତାଳଚେରରେ ଏତେଗୁଡ଼ିଏ ପ୍ରକଳ୍ପ କରିବା ଛୋଟିଆ କଥା ନୁହେଁ। ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ତାଳଚେରବାସୀଙ୍କ ସ୍ୱପ୍ନ ସାକାର ହୋଇପାରିବ।

-ଧୀରେନ ଶତପଥୀ, ତାଳଚେର

#### ଶୈକ୍ଷିକ ବାତାବରଣ ସୃଷ୍ଟି କରିବ



“ତାଳଚେରରେ ହେବାକୁ ଥିବା କୋଲ୍ ମ୍ୟୁଜିୟମ ଓ ପାଠାଗାର ଏଠାରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବ। କୋଇଲାର ଉତ୍ପତ୍ତି ସହ ଏ ନେଇ ସମସ୍ତ ବିବରଣୀ ଏହି ମ୍ୟୁଜିୟମରେ ରହିବ। ଫଳରେ ଯୁବପିଢ଼ିଙ୍କ ପାଇଁ ଏହା ଅତ୍ୟନ୍ତ ପ୍ରେରଣା ଦାୟକ ହେବ। ଦେଶ ବିଦେଶରେ ତାଳଚେରର ମାନ ବୃଦ୍ଧି ପାଇବ।

-ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ତାଳଚେର

# ବଣ୍ଟାଯିବ ୬୦ ହଜାର ମାସ୍କ

**ଢେଙ୍କାନାଳ ଅଫିସ, ୮।୬**


କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ବିଧାୟକଙ୍କ ହାତପାଣ୍ଠିରୁ ନିର୍ବାଚନମଣ୍ଡଳୀରେ ୬୦ ହଜାର ମାସ୍କ ଏବଂ ୬୦ ହଜାର ସାନିଟାଇଜର ବୋତଲ ବଣ୍ଟନ କରାଯିବ। ଜିଲା ବିଜେଡି କାର୍ଯ୍ୟାଳୟରୁ ମଙ୍ଗଳବାର ଏହାର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଏବଂ ସମ୍ମାନିତ ଅତିଥି ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକ ସାମଲ ସୂଚନା ଦେଇ କହିଛନ୍ତି, କରୋନାର ଦ୍ୱିତୀୟ ଲହର ଭୟାବହ ପରିସ୍ଥିତି ସୃଷ୍ଟି କରିଛି। ଆଗକୁ ୩ୟ ଲହର ଆସିବା ଆଶଙ୍କା ରହିଛି। ଏଥିଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ତଦନୁଯାୟୀ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୬୦ହଜାର ମାସ୍କ ଓ ୬୦ ହଜାର ସାନିଟାଇଜର ବୋତଲ ବଣ୍ଟନ କରାଯିବ। ଢେଙ୍କାନାଳ ପୌରାଞ୍ଚଳ ସମେତ ସଦର ବ୍ଲକ, ଗଁଦିଆ ବ୍ଲକର ସମସ୍ତ ପଞ୍ଚାୟତରେ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ଏହି ସାମଗ୍ରୀ ଲୋକଙ୍କ ନିକଟରେ ପହଞ୍ଚାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ବୁବୁଲି ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ୨ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ସାତମାଇଲ ୮।୬(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଚିତ୍ତଲପୁର ପଞ୍ଚାୟତର ପଞ୍ଚପଡ଼ା ଏବଂ ଠୋକର ପଞ୍ଚାୟତର ନୂଆଗାଁକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗତ ୩ ତାରିଖରେ ପଞ୍ଚପଡ଼ାରେ ହୋଇଥିବା ଆର୍‌ଟି-ପିସିଆର୍ ଟେଷ୍ଟରୁ ୧୧ ଏବଂ ସ୍ଥାନୀୟ ଡାକ୍ତରଖାନାରେ ଆଣ୍ଟିଜେନ ପରୀକ୍ଷାରୁ ୪ ଜଣ କୋଭିଡ୍ ସଂକ୍ରମିତ ବୋଲି ଜଣାପଡ଼ିଥିଲେ। ସେହିପରି ୫ ତାରିଖରେ ନୂଆଗାଁରେ ୭୯ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାପରେ ପଞ୍ଚପଡ଼ାକୁ ୭ରୁ ୧୪ ଓ ନୂଆଗାଁକୁ ୮ ରୁ ୧୫ ତାରିଖ ଯାଏ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଗ୍ରାମର ଜନସାଧାରଣ ବାହାରକୁ ନ ଯିବା, ବାହାରର କେହି ଗ୍ରାମକୁ ଆସିବା ଉପରେ କଟକଣା ଜାରି କରାଯାଇଛି।

## ଅନିୟମିତତା: ବଦଳିଲେ କର୍ମଚାରୀ

**ଛେଣ୍ଡିପଦା, ୮।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକାକରଣରେ ଅନିୟମିତତା ଅଭିଯୋଗ ହୋଇଛି। ଜଣେ ମହିଳା କର୍ମଚାରୀ ବିନା ପଞ୍ଜୀକରଣରେ ଟିକାକରଣ କରାଇଥିବା ଅଭିଯୋଗ ହୋଇଥିବାରୁ ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ସମ୍ପୃକ୍ତା ମହିଳା କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

ପ୍ରକାଶ ଯେ, ଜିଲା ପ୍ରଶାସନର ନିର୍ଦ୍ଦେଶରେ ମଙ୍ଗଳବାର ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗଙ୍କ ଟିକାକରଣ ଚାଲିଥିଲା। ହେଲେ ସମ୍ପୃକ୍ତ କର୍ମଚାରୀ ଜଣକ ପୂର୍ବାହ୍ନ ୯ଟା ୪୫ରେ ଛେଣ୍ଡିପଦା ବନାଞ୍ଚଳର ଜଣେ କର୍ମଚାରୀ ଏବଂ ଅନୁଗୋଳ ବନଖଣ୍ଡର ଜଣେ ବରିଷ୍ଠ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ବନ କର୍ମଚାରୀଙ୍କ ସହ ଆସିଥିବା ତାଙ୍କର ୧୮ ବର୍ଷରୁ ଉର୍ଦ୍ଧ୍ୱ ୨ ସନ୍ତାନଙ୍କ ଟିକାକରଣ କରାଯାଇଥିଲା। ୧୮ରୁ ୪୪ ବର୍ଗରେ ଟିକାକରଣ ଲାଗି ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିବାବେଳେ ଉଭୟଙ୍କ ରେଜିଷ୍ଟ୍ରେଶନ ହୋଇ ନ ଥିଲା। ଏଥିରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ସହାୟତା କରିଥିଲେ। ସେଠାରେ ଉପସ୍ଥିତି କେତେଜଣ ବ୍ୟକ୍ତି ଏଭଳି ଅନିୟମିତତା ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏ ସଂକ୍ରାନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ପାଣି କହିଛନ୍ତି, ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଏଭଳି ଅଭିଯୋଗ ବାରମ୍ବାର ହେଉଛି। ତାଙ୍କୁ ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି।

# ୪ ଜୀବନ ନେଲା କରୋନା

**ଢେଙ୍କାନାଳ ଅଫିସ, ୮।୬**

ଢେଙ୍କାନାଳ ଜିଲାରେ ମଙ୍ଗଳବାର ୪ କରୋନା ସଂକ୍ରମିତଙ୍କ ଜୀବନ ଯାଇଛି। ଏହାପରେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୪୩ରେ ପହଞ୍ଚିଛି। ସେହିପରି ଦିନକରେ ୩୦୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨୭, କାମାକ୍ଷାନଗର ବ୍ଲକର ୬୪ ଓ ଏନ୍ଏସିର ୬, ଭୁବନ ବ୍ଲକର ୪୧, ଓ ଏନ୍ଏସିର ୧୪, ହିନ୍ଦୋଳ ବ୍ଲକର ୧୦୯ ଓ ଏନଏସିର ୪, ଓଡ଼ାପଡ଼ା ବ୍ଲକର ୭, ଗଁଦିଆ ବ୍ଲକର ୪, ପରଜଙ୍ଗ ବ୍ଲକର ୨ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୪ଜଣ ଅଛନ୍ତି। ଜିଲାରେ ଏବେ ୨୮୨୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିପରି ଦିନକରେ ୨୪୯ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ କାମାକ୍ଷାନଗର ବ୍ଲକ ବାଇସିଙ୍ଗା, ବାଲିଗୋରଡ଼ ଏବଂ ସଦର ବ୍ଲକ ଗୋବିନ୍ଦପୁର ଗ୍ରାମକୁ ୮ରୁ ୧୫ ତାରିଖ ଯାଏ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି ।

# ୩୮୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୮।୬**

ଅନୁଗୋଳ ଜିଲାରୁ ମଙ୍ଗଳବାର ୩୮୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୭ ହଜାର ୧୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟଁରପାଳ ବ୍ଲକରୁ ସର୍ବାଧିକ ୫୯ ଜଣ, ଅନୁଗୋଳ ବ୍ଲକରୁ ୫୬, କଣିହାଁ ବ୍ଲକରୁ ୪୮, ତାଳଚେର ବ୍ଲକରୁ ୪୫, ଆଠମଲ୍ଲିକ ବ୍ଲକରୁ ୪୩, ଛେଣ୍ଡିପଦା ବ୍ଲକରୁ ୩୯, କିଶୋରନଗର ବ୍ଲକରୁ ୩୫, ପାଲଲହଡ଼ା ବ୍ଲକରୁ ୩୦, ଅନୁଗୋଳ ପୌରାଞ୍ଚଳରୁ ୧୨, ତାଳଚେର ପୌରାଞ୍ଚଳରୁ ୧୨ ଓ ଆଠମଲ୍ଲିକ ଏନ୍ଏସିରୁ ୯ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୫୭୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଆଉ ୪ ଜଣଙ୍କ ଜୀବନ ଯାଇଥିବାରୁ ଜିଲାରେ କରୋନାଜନିତ ମୋଟ୍ ମୃତକଙ୍କ ସଂଖ୍ୟା ୧୩୬ରେ ପହଞ୍ଚିଛି।

# ସାବିତ୍ରୀ ପୂର୍ବରୁ ୭ଦିନ ଶଟ୍‌ଡାଉନ


ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ଉଠା ଫଳ ଦୋକାନୀଙ୍କୁ ହଟାଯାଉଛି।

**ଛେଣ୍ଡିପଦା/ ଅନୁଗୋଳ ଅଫିସ, ୮।୬**

ଆସନ୍ତା ୧୦ ତାରିଖରେ ପଡୁଥିବା ସାବିତ୍ରୀ ବ୍ରତ ପୂର୍ବରୁ ବଜାରରେ ଭିଡ଼ ବଢୁଥିବାରୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗେଡ଼ିଆ ପଞ୍ଚାୟତକୁ ସରପଞ୍ଚ ସଞ୍ଜୟ କୁମାର ଦେହୁରୀ ସପ୍ତାହକ ପାଇଁ ଶଟଡାଉନ୍ ଘୋଷଣା କରିଛନ୍ତି। ବାଗଡିଆ ବଜାର ଉପରେ ୭୦ରୁ ଉର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ନିର୍ଭରଶୀଳ। ସାବିତ୍ରୀ ଏବଂ ରଜ ଆସୁଥିବାରୁ ଲୋକମାନେ ସାମାଜିକ ଦୂରତ୍ୱ ନିୟମ ମାନୁନାହାନ୍ତି। କେତେକ ଲୁଗା ଦୋକାନୀ କଟକଣା ଉଲ୍ଲଂଘନ କରୁଛନ୍ତି। ଏଭଳି ଦୃଶ୍ୟ ନଜରକୁ ଆସିବା ପରେ ସରପଞ୍ଚ ୯ ତାରିଖ ସକାଳ ୭ଟାରୁ ୧୬ ତାରିଖ ସକାଳ ୬ଟା ଯାଏ ବାଗଡିଆ ପଞ୍ଚାୟତକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସେହିପରି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ବାଗେଡ଼ିଆ ଫାଣ୍ଡି ପୋଲିସ ୪ ହଜାର ଟଙ୍କା ଜରିମାନା ଆଦାୟ କରିଛି।

### ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରୁ ହଟିଲେ ଫଳ ଦୋକାନୀ

ଅନୁଗୋଳ ସହରରେ ଉଠା ଫଳ ବ୍ୟବସାୟୀମାନଙ୍କ ନିକଟରେ ଗହଳି ହେଉଥିବାରୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମଙ୍ଗଳବାର ଅନୁଗୋଳ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଉଠା ଫଳ ବ୍ୟବସାୟୀମାନେ କଟକଣା ଅମାନ୍ୟ କରୁଥିବା ଦେଖାଯିବା ପରେ ପୌରପାଳିକାର ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚି ସେମାନଙ୍କୁ ଉଠାଇ ଦେଇଥିଲେ। ଜରିମାନା ମଧ୍ୟ ଆଦାୟ କରିଥିଲେ। ଏହି ଟିମ୍‌ରେ ପୌରପାଳିକାର କରୋନା ନୋଡାଲ ଅଧିକାରୀ ନିର୍ମଳ ବେହେରା, ଟିଡି ବିଭୂତି ମହାରଣା ଓ ଅନ୍ୟ ଅଧିକାରୀଙ୍କ ସହ ପୋଲିସ ଉପସ୍ଥିତ ଥିଲେ।

## ଦେବାଳୟରେ ୨ ଦିନ ତାଲା

**ଅନୁଗୋଳ ଅଫିସ, ୮।୬:** ଅନୁଗୋଳ ଜିଲାରେ କରୋନା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ହୋଇଥିବା କରୋନା ସମୀକ୍ଷା ବୈଠକରେ ଜିଲାପାଳ ଏହି ନିର୍ଦ୍ଦେଶ ଦେବା ସହ ସାବିତ୍ରୀ ବ୍ରତ ପାଇଁ ଦେବାଳୟଗୁଡ଼ିକରେ ଭିଡ଼ ହେବା ଆଶଙ୍କା ଥିବାରୁ ଜିଲାର ସମସ୍ତ ଦେବାଳୟକୁ ବୁଧବାର ଓ ଗୁରୁବାର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପରିକି ପୂଜା ସାମଗ୍ରୀ ବିକ୍ରି କରୁଥିବା ଦୋକାନୀମାନେ ସାମାଜିକ ଦୂରତ୍ୱ ଅବଲମ୍ବନ ନ କଲେ କିମ୍ବା ଗହଳି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଆଗକୁ ରଜପର୍ବ ଆସୁଥିବାରୁ ବଜାରରେ ଭିଡ଼ ଏଡ଼ାଇବାକୁ ଏନ୍‌ଫୋର୍ସମେଣ୍ଟ ଟିମ୍‌ଗୁଡ଼ିକ ଜୋରଦାର ଚଢ଼ାଉ କରିବେ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

